### 'ଭାରତ ଇନୋଭେଟ୍ସ' ର ରଣନୀତିକ ଦସ୍ତାବିଜ୍ ଉନ୍ମୋଚିତ

# ବିଶ୍ୱରେ ପ୍ରଦର୍ଶିତ ହେବ ଭାରତର ଇନୋଭେସନ ଶକ୍ତି

**ନୂଆଦିଲ୍ଲୀ,୧୩।୬:** ଭାରତରେ ବଢୁଥିବା ଇନୋଭେସନ ଓ ଟେକ୍ନୋଲୋଜିର କ୍ଷମତାକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଫ୍ରାନ୍ସର ନିସ୍ ସହରରେ ଆୟୋଜିତ ହେବାକୁ ଥିବା ଏହି ପ୍ରମୁଖ ଆନ୍ତର୍ଜାତୀୟ ପ୍ରଦର୍ଶନୀ ପୂର୍ବରୁ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଭାରତ ଇନୋଭେଟ୍ସ'ର ରଣନୀତିକ ଦସ୍ତାବିଜ୍‌ଗୁଡ଼ିକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି । ଉନ୍ମୋଚନ ସମୟରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଆସନ୍ତା ଜୁନ୍ ୧୪ ତାରିଖରେ ଫ୍ରାନ୍ସର ନିସ୍ ସହରରେ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସର ରାଷ୍ଟ୍ରପତି ଶ୍ରୀ ଏମାନୁଏଲ ମାକ୍ରୋନଙ୍କ ଉପସ୍ଥିତିରେ 'ଭାରତ ଇନୋଭେଟ୍ସ' କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ହେବାକୁ ଯାଉଛି । ଏହି ଗରିମାମୟ କାର୍ଯ୍ୟକ୍ରମରେ ଭାରତର ନୂଆପିଢ଼ିର ଅଭିନବ ଚିନ୍ତାଧାରା, ବ୍ୟବସାୟିକ ପ୍ରସ୍ତାବ ଏବଂ ବିଶ୍ୱର ଆବଶ୍ୟକତାକୁ ପୂରଣ କଲାଭଳି ନୂତନ ଉଦ୍ଭାବନଗୁଡ଼ିକୁ ପ୍ରଦର୍ଶିତ କରାଯିବ। ଏହା ଭାରତର ଯୁବ ପିଢ଼ିର ପ୍ରତିଭା ପ୍ରତି ଏକ ବଡ଼ ଆନ୍ତର୍ଜାତୀୟ ସ୍ୱୀକୃତି । ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ପରାମର୍ଶ କ୍ରମେ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆସିଥିବା ହଜାର ହଜାର ପ୍ରସ୍ତାବ ମଧ୍ୟରୁ ଯାଞ୍ଚ କରାଯାଇ ୧୨୦ଟି ପ୍ରତିଭାବାନ ନୂତନ ଷ୍ଟାର୍ଟଅପକୁ ଚୟନ କରାଯାଇଛି । ଏହି ଷ୍ଟାର୍ଟଅପଗୁଡ଼ିକ ୧୩ଟି ପ୍ରାଥମିକତା କ୍ଷେତ୍ର ଉପରେ କାର୍ଯ୍ୟ କରୁଛନ୍ତି ଏବଂ ଦେଶର ୨୦ରୁ ଅଧିକ ପ୍ରମୁଖ ଶିକ୍ଷାନୁଷ୍ଠାନ ସହିତ ଭାଗିଦାର ହୋଇଛନ୍ତି। ଜୁନ୍ ୧୪ ରୁ ୧୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ବିଶ୍ୱର ଅନେକ ଆର୍ଥିକ ପ୍ରତିଷ୍ଠାନ, ଆନ୍ତର୍ଜାତୀୟ କମ୍ପାନୀ ଏବଂ ବୁଦ୍ଧିଜୀବୀମାନଙ୍କୁ ଆମନ୍ତ୍ରଣ କରାଯାଇଛି । ଏଠାରେ ଆଲୋଚନା ସହ ବ୍ୟବସାୟିକ ବୈଠକ ମଧ୍ୟ ଅନୁଷ୍ଠିତ ହେବ । ଏହି ମଞ୍ଚରେ ପ୍ରଧାନମନ୍ତ୍ରୀ ମୋଦୀ ଭାରତୀୟ ଯୁବପିଢ଼ିଙ୍କ ଦ୍ୱାରା ପ୍ରସ୍ତୁତ ଏହି ଅଭିନବ ଉଦ୍ଭାବନଗୁଡ଼ିକୁ ସମଗ୍ର ବିଶ୍ୱ ସମ୍ମୁଖରେ ଉପସ୍ଥାପିତ କରିବେ । ଭାରତ ତଥା ବିଶ୍ୱର ସାଧାରଣ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସ୍ୱଳ୍ପ ବ୍ୟୟସାପେକ୍ଷ, ଉଚ୍ଚ ଗୁଣବତ୍ତାସମ୍ପନ୍ନ ଏବଂ ସହଜରେ ଉପଲବ୍ଧ ହୋଇପାରୁଥିବା ସମାଧାନ ପ୍ରସ୍ତୁତ କରିବା ପାଇଁ ସରକାର ସଂକଳ୍ପବଦ୍ଧ । ବିଶ୍ୱର କଲ୍ୟାଣ ପାଇଁ ଇନୋଭେସନ ଓ ଟେକ୍ନୋଲୋଜି କ୍ଷେତ୍ରରେ ସମ୍ପର୍କକୁ ଅଧିକ ମଜବୁତ କରିବା ଦିଗରେ ସହଯୋଗ କରିଥିବାରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଫ୍ରାନ୍ସର ରାଷ୍ଟ୍ରପତି ଏବଂ ତାଙ୍କ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି ।

# ବିଷାକ୍ତ ଗ୍ୟାସ ଲିକ୍ ଯୋଗୁଁ ଚାଲିଗଲା ୪ ଜୀବନ

**ରାଞ୍ଚି,୧୩।୬:** ଝାଡ଼ଖଣ୍ଡର ରାମଗଡ଼ ଜିଲ୍ଲାର ଏକ ବନ୍ଦ ଖଣିରେ ବିଷାକ୍ତ ଗ୍ୟାସ ଲିକ୍ ହେବା ଯୋଗୁଁ ଚାରି ଜଣଙ୍କର ମୃତ୍ୟୁ ହୋଇଛି। ଏହି ଘଟଣା ରାମଗଡ଼ ବନାଞ୍ଚଳର ଚାପ୍ରି-ବୁମରୀ ଅଞ୍ଚଳରେ ଘଟିଛି, ଯେଉଁଠାରେ କିଛି ବ୍ୟକ୍ତି କୋଇଲା ବାହାର କରିବା ପାଇଁ ବନ୍ଦ ପଡିଥିବା ଖାଦାନରେ ଓହ୍ଲାଇଥିଲେ। ରାମଗଡ଼ ସଦର ହସ୍ପିଟାଲର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ହରେନ୍ଦ୍ର କୁମାର ମହତୋ ଚାରି ଜଣଙ୍କର ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ । ରିପୋର୍ଟ ଅନୁଯାୟୀ, କିଛି ବ୍ୟକ୍ତି କୋଇଲା ଉତ୍ତୋଳନ ପାଇଁ ଏକ ବନ୍ଦ ଖାଦାନରେ ପ୍ରବେଶ କରିଥିଲେ। ହଠାତ୍ ଖାଦାନ ଭିତରେ ଗ୍ୟାସ୍ ଲିକ୍ ହୋଇଥିଲା। ଘଟଣା ବିଷୟରେ ଜାଣିବା ପରେ ଆଖପାଖ ଅଞ୍ଚଳର ଗ୍ରାମବାସୀମାନେ ଘଟଣାସ୍ଥଳରେ ଏକାଠି ହୋଇଥିଲେ। ପୋଲିସ ଏବଂ ଉଦ୍ଧାର ଦଳକୁ ସୂଚନା ଦିଆଯାଇଥିଲା। ଉଦ୍ଧାର କାର୍ଯ୍ୟ ପରେ, ଚାରି ଜଣଙ୍କୁ ଡାକ୍ତରଖାନା ନିଆଯାଇଥିଲା,ସେଠାରେ ଡାକ୍ତର ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ଦୁଇଜଣଙ୍କ ଚିକିତ୍ସାଧିନ ଅବସ୍ଥାନରେ ମୃତ୍ୟୁ ହୋଇଛି । ଖଣି ଅଧୀକ୍ଷକ ବିକାଶ କୁମାର କହିଛନ୍ତି ଯେ ଗ୍ୟାସ ଲିକ୍ ସମ୍ପର୍କରେ ସୂଚନା ମିଳିଥିଲା। ଯେତେବେଳେ ସେମାନେ ସେମାନଙ୍କର ବାର ଜଣିଆ ଦଳ ସହିତ ଘଟଣାସ୍ଥଳରେ ପହଞ୍ଚିଲେ, ସେମାନେ ଖଣିରେ ବିଷାକ୍ତ ଗ୍ୟାସ ଏବଂ ଅମ୍ଳଜାନର ଅଭାବ ପାଇଲେ। ରାମଗଡ଼ ବନାଞ୍ଚଳ ମଧ୍ୟରେ ବୁମରି ଗିଦ୍ଦି ନିକଟରେ ଅନେକ ପରିତ୍ୟକ୍ତ ଖାଦାନ ଅଛି, ଯେଉଁଠାରେ ଖନନ କାର୍ଯ୍ୟକଳାପ ସମ୍ପର୍କରେ ଅଭିଯୋଗ ବାରମ୍ବାର ପ୍ରକାଶ ପାଉଛି। ସିସିଏଲ୍ ଏହି ସମ୍ପର୍କରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ପ୍ରଶାସନ ଜନସାଧାରଣଙ୍କୁ ଏହି ପରିତ୍ୟକ୍ତ ଖଣିରେ ପ୍ରବେଶ ନକରିବାକୁ ଏବଂ ବେଆଇନ ଖଣି ଖନନରୁ ଦୂରେଇ ରହିବାକୁ ଅପିଲ କରିଛି।

# ଫ୍ରାନ୍ସ ଓ ସ୍ଲୋଭାକିଆ ଗସ୍ତରେ ପ୍ରଧାନମନ୍ତ୍ରୀ

## ଜି-୭ ଶିଖର ସମ୍ମିଳନୀରେ ଯୋଗଦେବେ

**ନୂଆଦିଲ୍ଲୀ,୧୩।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଫ୍ରାନ୍ସ ଓ ସ୍ଲୋଭାକିଆ ଗସ୍ତରେ ବାହାରିଛନ୍ତି। ସେଠାରେ ତାଙ୍କର କୁଟନୈତିକ କାର୍ଯ୍ୟକ୍ରମ ଖୁବ୍ ବ୍ୟସ୍ତ ରହିବ। ଏଥିରେ ଦ୍ୱିପାକ୍ଷିକ ଆଲୋଚନା, ବହୁପାକ୍ଷିକ ବୈଠକ ଓ ଆର୍ଥିକ ଏବଂ ସାଂସ୍କୃତିକ ସହଯୋଗ ଉପରେ ଜୋର ଦିଆଯିବ। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ କରି ପିଏମ୍ ମୋଦି କହିଛନ୍ତି, ଆଗାମୀ କିଛି ଦିନରେ ବହୁ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଫ୍ରାନ୍ସ ଓ ସ୍ଲୋଭାକିଆରେ ରହିବି। ଏଥିରେ ଦ୍ୱିପାକ୍ଷିକ ଆଲୋଚନା, ବହୁପାକ୍ଷିୟ ବୈଠକ ଓ ଭାରତୀୟ ସମୁଦାୟର ଲୋକଙ୍କ ସହ ଆଲୋଚନାରେ କରିବାର କାର୍ଯ୍ୟକ୍ରମ ରହିଛି। ମୋର ଧ୍ୟାନ ଆର୍ଥିକ ଓ ସାଂସ୍କୃତିକ ସମ୍ପର୍କକୁ ମଜବୁତ କରିବା ଉପରେ ରହିବ।' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହି ଯାତ୍ରାର ଆରମ୍ଭ ନିସ୍‌ରେ ହେବାକୁ ଥିବା କାର୍ଯ୍ୟକ୍ରମରୁ ହେବ। ବିଶେଷ କରି



ଭାରତରେ ଇନୋଭେଟିଭସ୍ କାର୍ଯ୍ୟକ୍ରମରୁ ଯେଉଁଥିରେ ରାଷ୍ଟ୍ରପତି ମାକ୍ରୋନ୍ ମଧ୍ୟ ଉପସ୍ଥିତ ରହିବେ। କାରଣ ଭାରତ ଓ ଫ୍ରାନ୍ସ ଇନୋଭେସନ୍ ବର୍ଷ ପାଳନ କରାଯାଉଛି, ତେଣୁ ଭାରତ ଇନୋଭେଟସ୍ ଏକ ସୁନ୍ଦର ମଞ୍ଚ ହେବ, ଯାହାକି ଇନୋଭେଟର୍ସ, ଷ୍ଟାର୍ଟଅପ୍ ଓ ଇନୋଭେସନ୍ ଦୁନିଆ ସହ ଜଡିତ ଲୋକଙ୍କ ସହ ଆସିଯିବ। ନିସ୍‌ରେ ପିଏମ୍ ମୋଦି ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନଙ୍କ ସହିତ ଆଲୋଚନା କରିବେ, ଯେଉଁଠି ଦୁଇ ନେତା ଭାରତ-ଫ୍ରାନ୍ସର ସ୍ୱତନ୍ତ୍ର ରଣନୈତିକ ସହଭାଗିତାର ସମୀକ୍ଷା କରିବେ। ବୈଦେଶିକ ମନ୍ତ୍ରଣାଳୟର କହିବା ଅନୁସାରେ, ଦୁଇ ନେତା ମିଳିତ ଭାବରେ 'ଭାରତ ଇନୋଭେଟସ୍' କାର୍ଯ୍ୟକ୍ରମର ଉଦଘାଟନ ମଧ୍ୟ କରିବେ। ଏଥିରେ ଭାରତ,ଫ୍ରାନ୍ସ ଓ ଅନ୍ୟ ଦେଶର ପ୍ରମୁଖ ଷ୍ଟାର୍ଟଅପ୍, ଇନୋଭେଟର୍ସ ଓ ଭେଞ୍ଚର କ୍ୟାପିଟାଲ ଫଣ୍ଡ ଏକାଠି ଆସିବେ। ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଭାରତ-ଫ୍ରାନ୍ସ ଇନୋଭେସନ୍ ବର୍ଷ ବେଳେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଦୁଇ ଦେଶ ଭିତରେ ସୁନ୍ଦର ଇନୋଭେସନ୍‌ର ମିଳିତ ସହଭାଗିତରକୁ ଆହୁରି ମଜବୁତ କରିବ। ଫ୍ରାନ୍ସରେ ନିଜ କାର୍ଯ୍ୟକ୍ରମ ପରେ ପିଏମ୍ ମୋଦି ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କ ନିମନ୍ତ୍ରଣରେ ୧୪ରୁ୧୬ ଜୁନ୍ ପର୍ଯ୍ୟନ୍ତ ସେଠାକୁ ରାଜକୀୟ ଯାତ୍ରା କରିବେ। ୧୯୯୩ ରେ ସ୍ଲୋଭାକିଆର ସ୍ୱାଧୀନତା ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ହେବ ପ୍ରଥମ ଯାତ୍ରା।

# ଜୁନ୍ ମାସରୁ ବଢ଼ିବ ବିଜୁଳି ବିଲ୍

**ନୂଆଦିଲ୍ଲୀ,୧୩।୬:** ଗ୍ରାହକମାନଙ୍କୁ ଖୁବଶୀଘ୍ର ମହଙ୍ଗା ବିଜୁଳିର ଝଟକା ଲାଗିପାରେ। କାରଣ ପଶ୍ଚିମ ଏସିଆରେ ଜାରି ରହିଥିବା ଭୂ-ରାଜନୈତିକ ସଙ୍କଟ ଏବଂ ଯୁଦ୍ଧର ସିଧାସଳଖ ପ୍ରଭାବ ବିଦ୍ୟୁତ ଉତ୍ପାଦନ ଉପରେ ପଡ଼ିବାକୁ ଲାଗିଛି। ବିଶ୍ୱସ୍ତରରେ ଗ୍ୟାସ, ପେଟ୍ରୋଲ-ଡିଜେଲ ଏବଂ ଅଶୋଧିତ ତୈଳ ସହିତ କୋଇଲା ଆମଦାନୀ ଓ ପରିବହନ ଖର୍ଚ୍ଚରେ ବହୁତ ବୃଦ୍ଧି ଘଟିଛି। ଏହାଦ୍ୱାରା ଦେଶରେ କୋଇଲା ଏବଂ ଜାଳେଣି ମହଙ୍ଗା ହୋଇଛି, ଯେଉଁଥିପାଇଁ ବିଦ୍ୟୁତ କିଣିବା ମଧ୍ୟ ମହଙ୍ଗା ହୋଇଯାଇଛି। ବିଜୁଳି କମ୍ପାନୀଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ବଢ଼ିଯାଇଛି। କମ୍ପାନୀଗୁଡ଼ିକୁ କ୍ଷତିରୁ ବଞ୍ଚାଇବା ପାଇଁ ବିଜୁଳି ଦର ବଢ଼ାଇବାକୁ ନିଷ୍ପତ୍ତି ନିଆଯାଇଛି। ଦିଲ୍ଲୀ ବିଦ୍ୟୁତ ନିୟାମକ ଆୟୋଗ ଆଜି ତିନୋଟି ବିଜୁଳି କମ୍ପାନୀ ବିଆରପିଏଲ, ବିୱାଇପିଏଲ ଏବଂ ଟିପିଡିଡିଏଲକୁ ପାୱାର ପର୍ଚେଜ ଆଡଜଷ୍ଟମେଣ୍ଟ ଚାର୍ଜ ଆଦାୟ କରିବାକୁ ଅନୁମତି ଦେଇଛନ୍ତି। ପୂର୍ବରୁ ଏହି ଚାର୍ଜ ପ୍ରତି ୩ ମାସରେ ଥରେ ଆଦାୟ କରାଯାଉଥିଲା, କିନ୍ତୁ ଏବେ ଏହା ପ୍ରତି ମାସରେ ଆଦାୟ କରାଯିବ। ଏଭଳି ପରିସ୍ଥିତିରେ ଜୁନ ମାସରେ ବିଜୁଳି ବିଲ ବଢ଼ିଯାଇପାରେ। ଏହାର ସିଧାସଳଖ ପ୍ରଭାବ ସେହି ଗ୍ରାହକମାନଙ୍କ ଉପରେ ପଡ଼ିବ, ଯେଉଁମାନେ ପ୍ରତି ମାସରେ ୫୦୦ ୟୁନିଟରୁ ଅଧିକ ବିଜୁଳି ବ୍ୟବହାର କରନ୍ତି। ତେବେ ୨୦୦ ୟୁନିଟ ଏବଂ ୨୦୦ ରୁ ୪୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ବ୍ୟବହାର କରୁଥିବା ଗ୍ରାହକଙ୍କ ବିଲ ସବସିଡି ଯୋଗୁଁ ଶୂନ ରହିବ। ସୂତ୍ର ଅନୁସାରେ, ଦିଲ୍ଲୀରେ ବିଜୁଳି ୧ ରୁ ୩.୩୦ ପ୍ରତିଶତ ପର୍ଯ୍ୟନ୍ତ ମହଙ୍ଗା ହୋଇପାରେ।

### ଇତିହାସ ରଚିଲା ଇଣ୍ଡିଆନ ମିଲିଟାରୀ ଏକାଡେମୀ

# ପ୍ରଥମଥରମହିଳା କ୍ୟାଡେଟ୍ ଉତ୍ତୀର୍ଣ୍ଣ

■ ଭୂୟସୀ ପ୍ରଶଂସା କଲେ ରାଷ୍ଟ୍ରପତି



**ନୂଆଦିଲ୍ଲୀ,୧୩।୬:** ଇତିହାସ ରଚିଲା ଡେରାଡୁନ ସ୍ଥିତ ଇଣ୍ଡିଆନ ମିଲିଟାରୀ ଏକାଡେମୀ । ଆଜି ଆୟୋଜିତ ପାସିଂ ଆଉଟ୍ ପରେଡରେ ପ୍ରଥମ ଥର ପାଇଁ ଏହି ସମ୍ମାନଜନକ ପ୍ରତିଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଛନ୍ତି ମହିଳା କ୍ୟାଡେଟ୍ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପାସିଂ ଆଉଟ୍ ପରେଡରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମ ଥର ପାଇଁ ଏଠାରୁ ମହିଳା କ୍ୟାଡେଟ୍ ପାସିଂ ଆଉଟ୍ ହେବାକୁ ସେ ଭୂୟଂସୀ ପ୍ରଶଂସା କରିଥିଲେ । ୯ ଜଣ ମହିଳା କ୍ୟାଡେଟ ପାସିଂ ଆଉଟ୍ ହୋଇ ହେବା ଭାରତୀୟ ପ୍ରତିରକ୍ଷା କ୍ଷେତ୍ର ପାଇଁ ଏକ ଐତିହାସିକ କ୍ଷଣ ବୋଲି କହିଛନ୍ତି ରାଷ୍ଟ୍ରପତି । ଏହା ଦ୍ୱାରା ଆଗାମୀ ଦିନରେ ଆହୁରି ଅଧିକ ମହିଳା ଏକାଡେମୀରେ ଯୋଗ ଦେବେ ବୋଲି ସେ ଆଶା କରିଛନ୍ତି । ୯ ଜଣ ମହିଳା କ୍ୟାଡେଟଙ୍କ ବ୍ୟତୀତ ୫୧୫ ଜଣ ଜେଣ୍ଟଲମ୍ୟାନ କ୍ୟାଡେଟ୍ ଏହି ପାସିଂ ଆଉଟ ପରେଡରେ ସାମିଲ ହୋଇଥିଲେ ।

## ଚୁଟ୍‌କୀରେ...

### ସିବିଟି ମୋଡ୍‌ରେ ହେବ ରେଲୱେ ପରୀକ୍ଷା



**ନୂଆଦିଲ୍ଲୀ,୧୩।୬:** ରେଲୱେର ସମସ୍ତ ବିଭାଗୀୟ ଭର୍ତ୍ତି ପରୀକ୍ଷା ଏବେ ସିବିଟି ମୋଡରେ ହେବ । ନିଟ୍ ରେ ବ୍ୟାପକ ତ୍ରୁଟି ପରେ ଏବେ କେନ୍ଦ୍ର ସରକାର ସତର୍କ ହୋଇଛନ୍ତି । ନିଯୁକ୍ତି ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା, ସଠିକତା ଉପରେ ଜୋର ଦେଇଛି ରେଲୱେ । ଏଣିକି ସମସ୍ତ ବିଭାଗୀୟ ପରୀକ୍ଷା ବର୍ତ୍ତମାନ ଉଇଞ୍ଚ ବା କମ୍ପ୍ୟୁଟର ଆଧାରିତ ପରୀକ୍ଷା ମାଧ୍ୟମରେ ହେବ । ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ସମସ୍ତ ବିଭାଗୀୟ ପରୀକ୍ଷା କମ୍ପ୍ୟୁଟର ଆଧାରିତ ପରୀକ୍ଷାରେ ହେବ । ଟ୍ୟାବଲେଟ୍ ଆଧାରିତ ପରୀକ୍ଷା ବ୍ୟବସ୍ଥାକୁ ବିସ୍ତାର କରାଯିବ । ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ରେଳମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ସମସ୍ତ ବିଭାଗୀୟ ପରୀକ୍ଷା ଏବେ କମ୍ପ୍ୟୁଟର ଆଧାରିତ ପରୀକ୍ଷଣ ମାଧ୍ୟମରେ କରାଯିବ । ପରୀକ୍ଷା ପ୍ରକ୍ରିୟାକୁ ଅଧିକ ଦକ୍ଷ ଏବଂ ଆଧୁନିକ କରିବା ପାଇଁ ନିଯୁକ୍ତି ପରୀକ୍ଷାରେ ଯେକୌଣସି ସ୍ଥାନରେ ଟାବଲେଟ୍ ଆଧାରିତ ପରୀକ୍ଷଣ ପରିସରକୁ ବିସ୍ତାର କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

### ଦୁର୍ଘଟଣାରେ ୨ ମୃତ, ୩ ଆହତ

**ନୂଆଦିଲ୍ଲୀ,୧୩।୬:** ବେଙ୍ଗାଲୁରୁରେ ମୌସୁମୀଜନିତ ବର୍ଷା ପ୍ରକୋପ ଜାରି ରହିଛି । କେଙ୍ଗ୍ରି ଓ ହ୍ୱାଇଟଫିଲ୍ଡ ଟ୍ରାଫିକ ପୁଲିସ ସୀମା ଅଞ୍ଚଳରେ ଶନିବାର ସକାଳେ ବର୍ଷାଜନିତ ଦୁଇଟି ପୃଥକ୍ ଦୁର୍ଘଟଣାରେ ଦୁଇ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ତିନିଜଣ ଆହତ ହୋଇଛନ୍ତି । ହ୍ୱାଇଟ୍ ଫିଲ୍ଡରେ ଏକ ହୃଦୟବିଦାରକ ଘଟଣାରେ, ଜଣେ ମହିଳାଙ୍କ ପରେ ତାଙ୍କ ଝିଅ ସାମ୍ନାରେ ଏକ ସ୍କୁଲ ବସ୍ ମାଡ଼ି ଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ସକାଳେ ମହିଳା ଜଣକ ତାଙ୍କ ଦୁଇ ଚକିଆ ଗାଡ଼ିରୁ ପଡ଼ି ଯାଇଥିବାବେଳେ ସ୍କୁଲ ବସ୍ ତାଙ୍କ ଉପରେ ମାଡ଼ି ଯାଇଥିଲା। ମୃତ ମହିଳା ଜଣକ କାନ୍ତା ବୋଲି ଜଣାପଡ଼ିଛି। ପୁଲିସ ସୂଚନା ଅନୁଯାୟୀ, କାନ୍ତା ଦୁଇ ଚକିଆ ଗାଡ଼ିରେ ମରାଠାହାଲ୍ଲୀରୁ ସିଦ୍ଧପୁରାକୁ ତାଙ୍କ ଝିଅ ନେହାଙ୍କୁ କଲେଜରେ ଛାଡ଼ିବାକୁ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଶୁକ୍ରବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ରାସ୍ତା ପାଣିରେ ବୁଡ଼ି ଯାଇଥିଲା। ରାସ୍ତାରେ ଯାଉଥିବା ସମୟରେ କାନ୍ତାଙ୍କ ସ୍କୁଟରଟି ରାସ୍ତାରେ ଥିବା ଖାଲୁଆ ସ୍ଥାନରେ ପଡ଼ି ଯାଇଥିବାବେଳେ ଭାରସାମ୍ୟ ହରାଇ ଉଭୟ ମା' ଓ ଝିଅ ରାସ୍ତାରେ ପଡ଼ିଯାଇଥିଲେ। କାନ୍ତା ରାସ୍ତାରୁ ଉଠିବା ପୂର୍ବରୁ ପଛରୁ ଆସୁଥିବା ଏକ ସ୍କୁଲ ବସ୍ ତାଙ୍କ ଉପରେ ମାଡ଼ି ଯାଇଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ, କିନ୍ତୁ ଗୁରୁତର ଆଘାତ ଯୋଗୁଁ କାନ୍ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

### ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ବଡ଼ ଘୋଷଣା

# ହିତାଧିକାରୀ ୧ ଲକ୍ଷ ଟଙ୍କା ଉଠାଇ ପାରିବେ

**ନୂଆଦିଲ୍ଲୀ,୧୩।୬:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗ୍ରାହକଙ୍କ ହିତକୁ ଦୃଷ୍ଟିରେ ରଖି ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଆରବିଆଇ ମୋଗାଭିରା ସମବାୟ ବ୍ୟାଙ୍କର ଆର୍ଥିକ ସ୍ଥିତିରେ ହ୍ରାସକୁ ଦେଖି ଏହା ଉପରେ ବହୁ କଟକଣା ଲଗାଇଛି। ଏହା ପ୍ରଥମ ଥର ନୁହେଁ ଯେତେବେଳେ ଆରବିଆଇ କୌଣସି ସହକାରୀ ବ୍ୟାଙ୍କ ଉପରେ କଟକଣା ଲଗାଇ ଦେଇଛି। ଏହା ପୂର୍ବରୁ ମଇରେ ମଧ୍ୟ ଏକ ସହକାରୀ ବ୍ୟାଙ୍କର ଲାଇସେନ୍ସ ରଦ୍ଦ କରି ଦିଆଯାଇଥିଲା। ବ୍ୟାଙ୍କ ଉପରେ ଅନେକ ସର୍ତ୍ତ ସହିତ ଛଅ ମାସର ପ୍ରତିବନ୍ଧକ ଲଗାଯାଇଛି। ବ୍ୟାଙ୍କର ଆର୍ଥିକ ସ୍ୱାସ୍ଥ୍ୟକୁ ଆଧାର କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଏହି ନିଷ୍ପତ୍ତି ନେଇଛି। ମୋଗାଭିରା ସମବାୟ ବ୍ୟାଙ୍କ ଉପରେ ଲାଗିଥିବା କଟକଣା ଅନୁସାରେ, ଖାତାଧାରୀଙ୍କ ପାଇଁ ଟଙ୍କା ବାହାର କରିବାର ସର୍ବାଧିକ ସୀମା ଏକ ଲକ୍ଷ ଟଙ୍କା ନିର୍ଦ୍ଧାରିତ କରାଯାଇଛି। ଏହି କଟକଣା ୧୨ ଜୁନ୍‌ରେ କାରବାର ବନ୍ଦ ହେବାପରେ ଲାଗୁ ହୋଇଛି, ଯାହାକି ୬ ମାସର ସମୟସୀମା ପାଇଁ ଜାରି ରହିବ। ତେବେ ଏହାର ସମୟ ସମୟରେ ସମୀକ୍ଷା କରାଯିବ। ଆରବିଆଇ କହିଛି, ସମବାୟ ବ୍ୟାଙ୍କ କୌଣସି ଋଣ ପ୍ରଦାନ କିମ୍ବା ନବୀକରଣ କରିପାରିବ ନାହିଁ କିମ୍ବା ଆଗୁଆ ଦେୟ ଦେଇପାରିବ ନାହିଁ, କୌଣସି ନିବେଶ କରିପାରିବ ନାହିଁ ଏବଂ ଟଙ୍କା ଋଣ ନେବା ଏବଂ ନୂତନ ଜମା ଗ୍ରହଣ ସମେତ କୌଣସି ଦାୟିତ୍ୱ ବହନ କରିପାରିବ ନାହିଁ। କୌଣସି ଜମାକାରୀଙ୍କୁ ତାଙ୍କର ସେଭିଂ ଆକାଉଣ୍ଟ, ଚାଲୁ କିମ୍ବା ଅନ୍ୟ କୌଣସି ଖାତାରୁ ସର୍ବାଧିକ ଏକ ଲକ୍ଷ ଟଙ୍କା କାଢିବାର ଅନୁମତି ଦିଆଯାଇଛି।' ଆରବିଆଇ କହିଛି ବ୍ୟାଙ୍କର କାର୍ଯ୍ୟକାରିତାକୁ ଉନ୍ନତ କରିବା ପାଇଁ ବୋର୍ଡ ଏବଂ ବରିଷ୍ଠ ପରିଚାଳନା ସହିତ ଯୋଗାଯୋଗ ଜାରି ରଖିବ। ଆରବିଆଇ ଆହୁରି ଉଲ୍ଲେଖ କରିଛି ଯେ ବ୍ୟାଙ୍କ ଉପରେ ଆର୍ଥିକ ଚାପ ସମ୍ପର୍କିତ ଚିନ୍ତାକୁ ଦୂର କରିବା ଏବଂ ଏହାର ଜମାକାରୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଠୋସ୍ ପଦକ୍ଷେପର ଅଭାବ ଯୋଗୁଁ ଏହି ନିର୍ଦ୍ଦେଶାବଳୀ ଜାରି କରିବା ଆବଶ୍ୟକ ଥିଲା।

# ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ୍ ହେବେ ସ୍ଥଳସେନା ମୁଖ୍ୟ

## ଜୁନ୍ ୩୦ରେ ଦାୟିତ୍ୱ ଗ୍ରହଣ

**ନୂଆଦିଲ୍ଲୀ,୧୩।୬:** କେନ୍ଦ୍ର ସରକାର ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠଙ୍କୁ ଭାରତୀୟ ସେନାର ପରବର୍ତ୍ତୀ ସେନା ମୁଖ୍ୟ ଭାବରେ ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଉପ ସେନା ମୁଖ୍ୟ ଭାବରେ କାର୍ଯ୍ୟ କରୁଥିବା ସେ ବର୍ତ୍ତମାନର ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସ୍ଥାନ ନେବେ। ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଜୁନ ୩୦, ୨୦୨୪ରେ ସେନା ମୁଖ୍ୟ ପଦ ଗ୍ରହଣ କରିଥିଲେ ଏବଂ ତାଙ୍କର କାର୍ଯ୍ୟକାଳ ଜୁନ ୨୦୨୬ ପର୍ଯ୍ୟନ୍ତ ସ୍ଥିର କରାଯାଇଛି। ଭାରତୀୟ ସେନା ମୁଖ୍ୟଙ୍କ କାର୍ଯ୍ୟକାଳ ତିନି ବର୍ଷ କିମ୍ବା ୬୨ ବର୍ଷ ବୟସ ପର୍ଯ୍ୟନ୍ତ, ଯାହା ପୂର୍ବରୁ ହେବ। ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠଙ୍କୁ ଭାରତୀୟ ସେନାର ଅଭିଜ୍ଞ ଅଧିକାରୀମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ। ଡିସେମ୍ବର ୧୯୮୬ ରେ ଆର୍ମର୍ଡ କୋରରେ କମିଶନ ହୋଇଥିବା, ସେ ପ୍ରାୟ ଚାରି ଦଶନ୍ଧି



ଧରି ସେନାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି। ତାଙ୍କର ଦୀର୍ଘ ସାମରିକ କ୍ୟାରିୟର ମଧ୍ୟରେ, ସେ ମରୁଭୂମି, ଜମ୍ମୁ ଓ କଶ୍ମୀର ଏବଂ ପଶ୍ଚିମ ସୀମା ଭଳି ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ନେତୃତ୍ୱ ଭୂମିକା ଗ୍ରହଣ କରିଛନ୍ତି। ଧୀରଜ ସେଠ ଦକ୍ଷିଣ ପଶ୍ଚିମ କମାଣ୍ଡ ଏବଂ ଦକ୍ଷିଣ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ-ଇନ-ଚିଫ (ଜିଓସି-ଇନ-ସି) ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେ ପଶ୍ଚିମ ମୋର୍ଚ୍ଚାରେ ଦୁଇଟି ପ୍ରମୁଖ ଅପରେସନାଲ କମାଣ୍ଡର ନେତୃତ୍ୱ ନେଇଥିବା କିଛି ବଛା ବଛା ବରିଷ୍ଠ ଅଧିକାରୀଙ୍କ ମଧ୍ୟରୁ ଜଣେ। ଏହା ସହିତ, ସେ ଆଙ୍ଗୋଲାରେ ମିଳିତ ଜାତିସଂଘ ମିଶନରେ କାର୍ଯ୍ୟ କରିଛନ୍ତି। ସେନା ମୁଖ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଗ୍ରହଣ କରିବା ବ୍ୟତୀତ, ସେ ସାମରିକ କ୍ଷମତା ବିକାଶ ଏବଂ ଆଧୁନିକୀକରଣ ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି। ତାଙ୍କର ଶିକ୍ଷାଗତ ଏବଂ ବୃତ୍ତିଗତ ସଫଳତା ସମ୍ପର୍କରେ ଏକ ଉତ୍କୃଷ୍ଟ ରେକର୍ଡ ଅଛି। ସେ ଜାତୀୟ ପ୍ରତିରକ୍ଷା ଏକାଡେମୀ , ଭାରତୀୟ ସାମରିକ ଏକାଡେମୀ , ୱେଲିଂଟନର ପ୍ରତିରକ୍ଷା ସେବା ଷ୍ଟାଫ କଲେଜ ଏବଂ ଜାତୀୟ ପ୍ରତିରକ୍ଷା କଲେଜର ପୂର୍ବତନ ଛାତ୍ର। ସେ ଜୁନିଅର କମାଣ୍ଡ କୋର୍ସରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଏବଂ ଡିଏସଏସସିରେ 'ଶ୍ରେଷ୍ଠ ଅଲ-ରାଉଣ୍ଡ ଛାତ୍ର ଅଧିକାରୀ' ଭାବରେ ମଧ୍ୟ ସମ୍ମାନିତ ହୋଇଥିଲେ।

### ଅର୍ଥ ହଡ଼ପ ମାମଲା

# ଅର୍ଦ୍ଧରାତ୍ରୀରେ ଅଭିଷେକଙ୍କ ଘରେ ପଶିଲେ ପୋଲିସ୍

**ନୂଆଦିଲ୍ଲୀ,୧୩।୬:** ଟିଏମସିର ସାଧାରଣ ସମ୍ପାଦକ ତଥା ସାଂସଦ ଅଭିଷେକ ବାନାର୍ଜୀଙ୍କ କୋଲକାତା ବାସଭନରେ ଦେଖିବାକୁ ମିଳିଛି ହାଇଡ୍ରାମା। ଶୁକ୍ରବାର ରାତି ୨.୩୦ରେ ଅଭିଷେକଙ୍କ ଘରେ ଧସେଇ ପଶିଛି ବେଙ୍ଗଲ ପୋଲିସ୍। ଅଭିଷେକ ବାନାର୍ଜୀଙ୍କ ବ୍ୟକ୍ତିଗତ ସହାୟକ ସୁମିତ ରୟଙ୍କୁ ଧରିବା ପାଇଁ ପଶ୍ଚିମ ମେଦିନପୁର ପୁଲିସ୍ ଏପରି ରେଡ କରିଥିଲା। ରୟଙ୍କ ନାଁରେ ଏକାଧିକ ଅର୍ଥ ହଡ଼ପ ମାମଲା ରହିଛି। ରେଡ ବେଳେ ହାଇଡ୍ରାମା ଦେଖିବାକୁ ମିଳିଥିବା ବେଳେ ପୁଲିସ୍ ଖାଲି ହାତରେ ଅଭିଷେକ ବାନାର୍ଜୀଙ୍କ ଘରୁ ଫେରିଛି। ମିଳିଥିବା ସୂଚନା ଅନୁସାରେ, ସ୍ୱତନ୍ତ୍ରୀ ପୁଲିସ୍ ଟିମ ରାତି ୨.୩୦ରେ ଅଭିଷେକ ବାନାର୍ଜୀଙ୍କ ଘରେ ପହଞ୍ଚି ସର୍ଚ୍ଚ ଅପରେସନ କରିବାକୁ ଚାହିଁଥିଲା। କିନ୍ତୁ ଅଭିଷେକ ବାନାର୍ଜୀଙ୍କ ସିକ୍ୟୁରିଟୀ ଗାର୍ଡମାନେ



ସେମାନଙ୍କୁ ଭିତରକୁ ଛାଡ଼ି ନଥିଲେ। ସିକ୍ୟୁରିଟୀ ଗାର୍ଡଙ୍କ ସହ କିଛି ସମୟରେ ବାଦବିବାଦ ପରେ ପୁଲିସ ଟିମ ଅଭିଷେକଙ୍କ ଘରେ ଧସେଇ ପଶିଥିଲ। ଏଥିସହ ଅଭିଷେକ ଓ ପରିବାର ଲୋକଙ୍କ ଉପସ୍ଥିତିରେ ସର୍ଚ୍ଚ ଅପରେସନ କରାଯାଇଥିଲା। ପୋଲିସ୍ ଅପରେସନ କଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ପାଇବା ମାତ୍ରେ ତୁରନ୍ତ ପୁତୁରାଙ୍କ ଘରେ ପହଞ୍ଚିଥିଲେ। ପୋଲିସ୍ ସହ ତାଙ୍କର ମଧ୍ୟ ଯୁକ୍ତିତର୍କ ହୋଇଥିଲା। ବେଶ କିଛି ସମୟରେ ହାଇଡ୍ରାମା ପରେ ପୋଲିସ୍ ଟିମ ଅଭିଷେକ ବାନାର୍ଜୀଙ୍କ ଘରୁ ଚାଲି ଯାଇଥିଲା। ମମତା ମଧ୍ୟ ନିଜ ବାସଭବନକୁ ଫେରିଥିଲେ। ଶନିବାର ସକାଳୁ ଅଭିଷେକ ବାନାର୍ଜୀଙ୍କ ବାସଭବନରେ ବିପୁଳ ସଂଖ୍ୟାରେ ପୁଲିସ୍ ? ଓ କେନ୍ଦ୍ରୀୟ ସୁରକ୍ଷା ବଳଙ୍କୁ ମଧ ଦେଖିବାକୁ ମିଳିଛି। ବିଳମ୍ବିତ ରାତିରେ ଘଟିଥିବା ରେଡ ସମ୍ପର୍କରେ ଅଭିଷେକ ବାନାର୍ଜୀଙ୍କ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ତାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ତଦନ୍ତକାରୀ ଅଧିକାରୀଙ୍କୁ ପଚାରିବାକୁ କହିଛନ୍ତି। ଟିଏମସି ମଧ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନକୁ ରାଜନୀତିକ ଆକ୍ରୋଶ ବୋଲି ମଧ କହିଛି।

# ବେସରକାରୀ ରକେଟ 'ବିକ୍ରମ-୧' ଅନ୍ତରୀକ୍ଷକୁ ଉଡ଼ାଣ ପାଇଁ ପ୍ରସ୍ତୁତ

**ନୂଆଦିଲ୍ଲୀ,୧୩।୬:** ଭାରତ ପାଇଁ ଖୁବ ଶୀଘ୍ର ଅନ୍ତରିକ୍ଷ କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିବାକୁ ଯାଉଛି। ହାଇଦ୍ରାବାଦ ଭିତ୍ତିକ ଷ୍ଟାର୍ଟଅପ୍ କମ୍ପାନୀ ସ୍କାଇରୁଟ୍ ଏୟାରୋସ୍ପେସର ବେସରକାରି ରକେଟ 'ବିକ୍ରମ-୧' ଅନ୍ତରିକ୍ଷକୁ ଉଡ଼ାଣ ପାଇଁ ପ୍ରସ୍ତୁତ ହୋଇଯାଇଛି । ଏହାର ଛବି ମଧ୍ୟ ଜାରି କରାଯାଇଛି । ଶ୍ରୀହରିକୋଟାରେ ବିକ୍ରମ-୧ ରକେଟର ଷ୍ଟେଜ୍-୨ ଇଣ୍ଟିଗ୍ରେସନ୍ କାମ ସମ୍ପୂର୍ଣ୍ଣ ହୋଇସାରିଛି। ଅର୍ଥାତ୍, ଏହି ରକେଟର ଉଡ଼ାଣ ଦିଗରେ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଭାରତ ଏବେ ଅନ୍ତରିକ୍ଷ କ୍ଷେତ୍ରରେ ଇତିହାସ ରଚନା କରିବା ପାଇଁ କାଉଣ୍ଟଡାଉନ୍ ଆରମ୍ଭ କରିଦେଇଛି। ସ୍କାଇରୁଟ୍ ଏୟାରୋସ୍ପେସ୍ ପକ୍ଷରୁ ବିକ୍ରମ-୧ ରକେଟର ଛବି ମଧ୍ୟ ଜାରି କରାଯାଇଛି, ଯାହା ଏବେ ଉଡ଼ାଣ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ



ଥିବା ଭଳି ଦେଖାଯାଉଛି। ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ଅନ୍ତରିକ୍ଷ କେନ୍ଦ୍ରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହା ଏକ ଚାରି ପର୍ଯ୍ୟାୟ ବିଶିଷ୍ଟ ରକେଟ, ଯେଉଁଥିରେ ଦ୍ୱିତୀୟ ପର୍ଯ୍ୟାୟର କାମ ସମ୍ପୂର୍ଣ୍ଣ ହୋଇସାରିଛି। ଏହି ପର୍ଯ୍ୟାୟକୁ 'କଲାମ-୨୫୦' ନାମ ଦିଆଯାଇଛି। ଅବଶିଷ୍ଟ ଦୁଇଟି ପର୍ଯ୍ୟାୟର କାମ ସମାପ୍ତ ହେବା ପରେ ରକେଟକୁ ପରବର୍ତ୍ତୀ ପଦକ୍ଷେପ ପାଇଁ ଆଗକୁ ବଢ଼ାଯିବ। ବିକ୍ରମ-୧ ରକେଟର ସବୁଠାରୁ ବଡ଼ ବିଶେଷତା ହେଉଛି ଏହାକୁ ସମ୍ପୂର୍ଣ୍ଣ ଭାବେ ଭାରତରେ ବିକଶିତ କରାଯାଇଛି। ଏହା ଏକାଧାରରେ ମଜବୁତ ଏବଂ ହାଲୁକା ଅଟେ। ରକେଟର ବାହ୍ୟ ଗଠନକୁ ଇସ୍ପାତଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ କରାଯାଇଛି, ଯେଉଁଥିରେ କାର୍ବନ କମ୍ପୋଜିଟ୍ ମେଟେରିଆଲ୍ ବ୍ୟବହାର କରାଯାଇଛି। ରକେଟର ଭିତରେ ଥିବା ଠୋସ ଇନ୍ଧନ ଜଳିବା ସମୟରେ ବହୁତ ଅଧିକ ଉତ୍ତାପ ସୃଷ୍ଟି ହୁଏ। ଏହି ତାପରୁ ରକେଟକୁ ସୁରକ୍ଷିତ ରଖିବା ପାଇଁ ଏଥିରେ ରବରର ଏକ ସ୍ୱତନ୍ତ୍ର ସୁରକ୍ଷା କବଚ ଲଗାଯାଇଛି। ଏହା ସହିତ, ରକେଟରେ ସଠିକ୍ ମାର୍ଗ ଧରି ଉଡ଼ିବା ପାଇଁ ଉନ୍ନତ ନେଭିଗେସନ୍ ପ୍ରଯୁକ୍ତି ବିକଶିତ କରାଯାଇଛି, ଯାହା ଫଳରେ ବାୟୁର ଚାପ କିମ୍ବା ଗୁରୁତ୍ୱାକର୍ଷଣର ପ୍ରଭାବ ମଧ୍ୟରେ ମଧ୍ୟ ଏହା ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହେବ ନାହିଁ। ରକେଟରେ କମ୍ପ୍ୟୁଟର ନିୟନ୍ତ୍ରିତ ରୋବୋଟିକ୍ ଉପକରଣ ଲଗାଯାଇଛି, ଯାହା ଉଡ଼ାଣ ସମୟରେ ଏହାର ନୋଜଲ୍‌କୁ ସଠିକ୍ ଦିଗରେ ଘୁଞ୍ଚାଇ ରଖିବ। ଏହାଦ୍ୱାରା ରକେଟ ନିର୍ଦ୍ଧାରିତ ପଥରେ ଗତି କରିପାରିବ।